# Visit of the Foreign Secretary to Russia (February 17-18, 2021)

February 18, 2021

---

## ବୈଦେଶିକ ସଚିବଙ୍କ ଋଷ ଗସ୍ତ (17-18 ଫେବୃଆରୀ 2021)

**ଫେବୃଆରୀ 18, 2021**

1. ଭାରତ-ଋଷ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ପାଇଁ ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା 17-18 ଫେବୃଆରୀ 2021 ରୁ ମସ୍କୋ ଗସ୍ତରେ ଯାଇଛନ୍ତି।

2. ବୈଦେଶିକ ସଚିବ ଗତକାଲି ଋଷର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ସର୍ଗେ ଲାଭ୍ରୋଭଙ୍କୁ ଭେଟିଥିଲେ। ପାରସ୍ପରିକ ସୁବିଧାଜନକ ଦିନରେ ଭାରତ ଗସ୍ତ ପାଇଁ ସେ ଲାଭ୍ରୋଭଙ୍କୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କ ଆମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ବୈଦେଶିକ ମନ୍ତ୍ରୀ ଲାଭ୍ରୋଭ ଏହି ଆମନ୍ତ୍ରଣକୁ ଗ୍ରହଣ କରିଥିଲେ ଏବଂ ଶୀଘ୍ର ଭାରତ ଗସ୍ତରେ ଆସିବାକୁ ଇଚ୍ଛା ପ୍ରକାଶ କରିଥିଲେ।

3. ଗତକାଲି ଋଷର ଉପ ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ଇଗୋର ମର୍ଗୁଲୋଭଙ୍କ ସହ ବିଚାର ବିମର୍ଷ ବେଳେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସମୀକ୍ଷା କରିଥିଲେ ଏବଂ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ମଧ ମତ ବିନିମୟ କରିଥିଲେ। ବାର୍ଷିକ ଦ୍ୱିପାକ୍ଷିକ ସମ୍ମିଳନୀ ସମେତ ଚଳିତ ବର୍ଷ ଉଚ୍ଚ ସ୍ତରୀୟ ବିନିମୟ ପାଇଁ ଏକ ରୋଡମ୍ୟାପରେ ଉଭୟ ପକ୍ଷ ସହମତ ହୋଇଥିଲେ।

4. ବୈଦେଶିକ ସଚିବ ଋଷର ଉପ ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ସର୍ଗି ରିଆବକୋଭଙ୍କ ସହ ଆଜି ବହୁପକ୍ଷୀୟ ପ୍ରସଙ୍ଗରେ ବିଶେଷ କରି ନିରସ୍ତ୍ରୀକରଣ ଏବଂ ଆଣବିକ ଅପ୍ରସାର ଉପରେ ମତ ବିନିମୟ କରିଥିଲେ।

5. ଗତକାଲି ଋଷ କୂଟନୈତିକ ଏକାଡେମୀରେ ତାଙ୍କର ବାର୍ତ୍ତାଳାପ ସମୟରେ ବୈଦେଶିକ ସଚିବ ବିଶ୍ୱ ପ୍ରସଙ୍ଗରେ ଭାରତ-ଋଷ ସହଭାଗୀତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦ୍ୱିପାକ୍ଷିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଜି ଋଷର ବିଶିଷ୍ଟ ବିଶେଷଜ୍ଞ ସମୂହଙ୍କ ସହ ବୈଦେଶିକ ସଚିବ ମତ ବିନିମୟ କରିଥିଲେ।

6. ବୈଦେଶିକ ସଚିବଙ୍କ ଗସ୍ତ ପୂର୍ବରୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ପ୍ରସଙ୍ଗ ଏବଂ ଡିଜି ସ୍ତରୀୟ ନୀତି ଯୋଜନା ଉପରେ ବିଚାର ବିମର୍ଷ 15 ଫେବୃଆରୀ 2021 ରେ ମସ୍କୋଠାରେ ହୋଇଥିଲା।

7. ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଏକ ସଫଳ କାର୍ଯ୍ୟ ଯୋଜନା ଚିହ୍ନଟ କରି ଭାରତ ଏବଂ ଋଷ ମଧ୍ୟରେ ଘନିଷ୍ଠ, ରଣନୀତିକ, ସ୍ୱତନ୍ତ୍ର ତଥା ବିଶେଷ ଭାଗିଦାରୀକୁ ଆହୁରି ସୁଦୃଢ କରିବାରେ ଉପଯୋଗୀ ହୋଇଛି; 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଅଧୀନରେ ଭାରତରେ ପୁଞ୍ଜି ବିନିଯୋଗ କରିବାକୁ ଋଷର ଆଗ୍ରହ ସମେତ ଆମର ରଣନୀତିକ ସମ୍ପର୍କର ନୂତନ

ଡ୍ରାଇଭରଗୁଡ଼ିକ ଉପରେ ଚୁକ୍ତିନାମା; ୟୁଏନଏସସି ଏବଂ ବ୍ରିକ୍ସ ଅଧ୍ୟକ୍ଷତାରେ ଜଣେ ଅସ୍ଥାୟୀ ସଦସ୍ୟ ଭାବରେ ଭାରତର ବର୍ତ୍ତମାନର କାର୍ଯ୍ୟକାଳ ପରିପ୍ରେକ୍ଷୀରେ ବହୁପକ୍ଷୀୟ ମଞ୍ଚରେ ଘନିଷ୍ଠ ସମନ୍ୱୟ ରକ୍ଷା କରିବା।

**ମସ୍କୋ**
ଫେବୃଆରୀ 18, 2021

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.